# Akashvani, Sambalpur

## SAMBALPURI NEWS BULLETIN

### 14 July 2025- 6.47- 6.52 am.

*********************************************

ରାଷ୍ଟ୍ରପତି -ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ଆଉ କଟକ୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଆଏଜ୍ ଉପର୍‌ବେଲା ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପହଁଚିକରି ଭୁବ୍‌ନେଶ୍ୱର୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସ ର ୫ ନମ୍ବର୍ ସମାବର୍ତନ୍ ସମାରୋହଥି ଯୋଗ୍ ଦେବେ । ରାଷ୍ଟ୍ରପତି ମୁର୍ମୁ ଇ ବଛର୍ ୬ ଶହ ୪୩ ଝନ୍ ଡାକ୍ତରୀ ଛାତ୍ରଙ୍କୁ ଡିଗ୍ରୀ ଦେବେ । ଇତାର୍‌ସହେତେ ୩୧ ଝନ୍ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍ ଭିଲ୍ ଦେବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଆଏବା କାଏଲ୍ ସଖାଲ୍‌ବେଲା କଟକ୍ ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ୧୩ ନମ୍ବର୍ ବାର୍ଷିକ୍ ସମାବର୍ତନ୍ ଉତ୍ସବ୍‌ଥି ଅତିଥି ଭାବେ ଯୋଗ୍ ଦେବାର୍ ସହେତେ ରାଷ୍ଟ୍ରପତି

ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର୍ ୩ ଟା କୋଠାର୍ ପୁନର୍ବିକାଶ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବେ । ଇତାର୍ ଉତ୍‌ରୁ ଆଦିକବି ସାରଳା ଦାସଙ୍କର୍ ଜନମ୍‌ବାର୍ଷିକୀ ସମାରୋହଥି ଯୋଗ୍ ଦେବାର୍ ସହେତେ କଳିଙ୍ଗ ରତ୍ନ ପୁରସ୍କାର୍ -୨୦୨୪ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଫକୀର୍ ମୋହନ୍- ଛାତ୍ରୀ ଆତ୍ମାହୁତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବାଲେଶ୍ୱର୍ ଫକୀର୍ ମୋହନ୍ ମହାବିଦ୍ୟାଳୟ ନ ଆତ୍ମାହୁତି ଉଦ୍ୟମ୍ କରିଥିବା ଛାତ୍ରୀଙ୍କର୍ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଥିବାର୍ ଏମ୍ସ କର୍ତୃପକ୍ଷ କହିଛନ୍ । ଏମ୍ସ ନ ୮ ଝନ୍ ଅଭିଜ୍ଞ ଡାକ୍ତର୍‌ଙ୍କୁ ନେଇକରି ଗୁଟେ ବିଶେଷଜ୍ଞ କମିଟି ପିଡ଼ିତାଙ୍କର୍ ଚିକିତ୍ସା କରୁଛନ୍ ।
ସେଆଡ଼େ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଏମ୍ସ ନ ପୁହୁଁଚିକରି ପିଡ଼ିତାଙ୍କର୍ ସ୍ୱାସ୍ଥ୍ୟବସ୍ଥା ତଦାରଖ୍ କରିଥିଲେ । ଘଟ୍‌ନାର୍ ତଦନ୍ତ୍ ମୁଲ୍ ହେଇଛେ ଆଉ ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ଦୋଷୀମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଘଟନାର୍ ଉଚ୍ଚସ୍ତରୀୟ ତଦନ୍ତ୍ ଲାଗି ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କର୍ ଅଧ୍ୟକ୍ଷତାଥି ୩ ଝନିଆ ଦଲ୍ ଗଲାକାଏଲ୍‌ନୁ ବାଲେଶ୍ୱର୍ ନୁ ତଦନ୍ତ୍ ମୁଲ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ଡ୍ରୋନ୍ ପରୀକ୍ଷଣ୍ ତାଲିମ୍, ପ୍ରସାର୍ କେନ୍ଦ୍ର/ଆର୍‌ଏନ୍‌ୟୁ/ ସମ୍ବଲପୁର

ଡ୍ରୋନ୍‌ର ବିକାଶ୍ କର୍‌ବାର୍‌ଥି ରାଜ୍ୟର୍ ଷ୍ଟାର୍ଟଅପ୍ ମାନ୍ ଜାତୀୟ ସ୍ତର୍ ନ ଭଲ୍ ପ୍ରଦର୍ଶନ୍ କରିଥିବାର୍ ବେଲେ ଇ କ୍ଷେତ୍ରଥି ସଂସ୍ଥାମାନ୍‌କୁ ସାହାଜ୍ ଯୁଗେଇ ଦେବାର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ଡ୍ରୋନ୍ ପରୀକ୍ଷଣ୍ ତାଲିମ୍ ଆଉ ପ୍ରସାର୍ କେନ୍ଦ୍ର ଖୁଲ୍‌ବାର୍ ଲାଗି ଯାଉଛନ୍ । ବ୍ରହ୍ମପୁର୍‌ର ଗୋପାଲ୍‌ପୁର୍ ଅଧୀନ୍‌ଥି ଥିବା ରଙ୍ଗେଇଲୁଣ୍ଡା ବିମାନ୍ ବନ୍ଦର୍ ନ ଇ ବ୍ୟବସ୍ଥା ଥାପ୍‌ନା କରାଯିବାର୍ ଯୋଜ୍‌ନା ରହିଛେ । ଭାରତ୍ ସର୍‌କାର୍‌ଙ୍କର୍ ଦ୍ୱାରା ପରିଚାଲିତ୍ ହେଉଥିବାର୍ ବେସାମରିକ୍ ବିମାନ୍ ଚଲାଚଲ୍ ମହାନିର୍ଦ୍ଦେଶାଳୟର୍ ସବୁ ନିୟମ୍‌କେ ପାଲନ୍ କରିକରି ଇ ପରୀକ୍ଷଣ୍ ଆଉ ତାଲିମ୍ କେନ୍ଦ୍ର ଥାପ୍‌ନା କରାଯିବା ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ପତ୍ର ମାଧ୍ୟମ ଶିକ୍ଷା ପାଠ୍ୟକ୍ରମ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ପତ୍ର ମାଧ୍ୟମ ଶିକ୍ଷା ପାଠ୍ୟକ୍ରମ୍ ୨୦୨୫-୨୬ ବଛ୍‌ରେ ନାଁ ଲେଖାବାର୍ ଲାଗି ଆଏଜ୍ ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । ଇ ବାବଦ୍ ସବୁ ତଥ୍ୟ ପରିଷଦ୍‌ର ୱେବ୍‌ସାଇଟ୍‌ଥି ମିଲିପାର୍‌ବା ।

ଶ୍ରାବଣ୍ ସୋମ୍‌ବାର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଦିନେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ୍ ଲାଗି ରହିଛେ । ପହପହନୁ ଭକ୍ତମାନେ ଶିବମନ୍ଦିର୍ ମାନ୍‌କେ ପାଏନ୍ ଢାଲିକରି ଭଗବାନ୍ ଶିବଙ୍କର୍ ଦର୍ଶନ୍ କରୁଛନ୍ ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କନ୍ଥେଶ୍ୱର୍ ଶିବ ମନ୍ଦିର୍ ସହେତେ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା  ଆଉ ବାକି ସବୁ ଶିବମନ୍ଦିର୍ ମାନ୍‌କେ ଦର୍ଶନ୍ କରିକରି ଭକ୍ତମାନେ ପାଏନ୍ ଚଢ଼ଉଛନ୍ ।

ରାଜସ୍ୱ ବିଭାଗ୍ - ଏସ୍‌ଓପି        ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲା ନ ଥିବା ତାପଜ ବିଦ୍ୟୁତ୍ ପକଳ୍ପମାନ୍କର୍ନୁ ବାହାରୁଥିବା ଖାର୍ କେ ପରିଚାଳନା କରାଯିବାର୍ ବାବ୍ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍ଫୁ ଗୁଟେ ଏସ୍ଓପି ଜାରି କରାଯାଇଛେ । ଏସ୍ଓପି ଅନ୍ସାରେ ଜିଲ୍ଲା ନ ଥିବା ପରିତ୍ୟକ୍ତ ଆଉ ମୃତ ଖଣି ମାନ୍କେ ଇ ସବୁକେ ବେଭାର୍ କରାଯିବା ।

ଯୁବ ଲେଖକ୍ ସମାବେଶ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ସାମ୍ବାଦିକ୍ ଭବନ୍ ଠାନେ 'ସୃଜନ ସଳିତା - ନବନୀତା' ତର୍ଫୁ ଯୁବ ଲେଖକ୍ ସମାବେଶ୍ 'ପଲ୍ଲବନ୍' ହେଇଯାଇଛେ । ସାଂସଦ୍ ପ୍ରଦୀପ୍ ପୁରୋହିତ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ସାହିତ୍ୟ ସମାଜ୍କେ ଭଲ୍ ବାଟ୍ ଦେଖାବାର୍ଥି ମୁଖିଆ ଭୂମିକା ନେସି ବଲି କହିଛନ୍ । ଇ ଅବ୍ସରେ ସାହିତ୍ୟ ଆଏବା କାଏଲ୍ର ଆହ୍ୱାନ୍ ଆଉ ସମ୍ଭାବନା ବାବ୍ଦେ ଗୁଟେ ଆଲୋଚନା ଚକ୍ର ଭିଲ୍ ହେଇଯାଇଠେ ।

ଜୁନିଅର୍ ଜାତୀୟ ରଗ୍ବୀ ଚାମ୍ପିଅନ୍ସିପ ଆର୍ଏନ୍ୟୁ/ ସମ୍ବଲପୁର

ଉତରାଖଣ୍ଡ୍ ନ ହେଇଥିବା ଜୁନିଅର୍ ଜାତୀୟ ରଗ୍ବୀ ଚାମ୍ପିଅନ୍ସିପ୍ଥି ଡିଫେଣ୍ଡିଙ୍ଗ୍ ଚାମ୍ପିଅନ୍ ଓଡ଼ିଶା ବାଳକ ଦଲ୍ ଆଏଜ୍ ରୌପ୍ୟ ପଦକ୍

ହାସଲ୍ କରିଛେ । ଫାଇନାଲ୍ ଖେଲ୍‌ଥି ଓଡ଼ିଶା ଦଲ୍  ବିହାର୍‌କେ ଭେଟିଥିଲା ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆଏଜ୍ ୪ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି’ ସେକେଣ୍ଡ୍‌ଥି ୧ ଲାଖ୍ ୧୬ ହଜାର୍ ୪ ଶହ ୫୬ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୯୬ ହଜାର୍ ୩୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୬ ଦଶ୍‌ମିକ୍ ୮/୭ ଫୁଟ୍ ରହିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ଉତରପଶ୍ଚିମ ବଙ୍ଗୋପ୍‌ସାଗର୍, ପଶ୍ଚିମବଙ୍ଗ୍ ଆର୍ ଓଡ଼ିଶାର୍ ସମୁଦ୍ର ଖଁଡ଼ି ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଧୁକାଗର୍ଡ଼ି

ଆଜ ଘଡ଼ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।